# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 May - 2026

**************************************

## ମୁଖ୍ୟ ସମ୍ବାଦ

- ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ପୁରୀଠାରେ ଅନୁଷ୍ଠିତ ହେଉଛି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବୈଠକ
- ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଆଜିଠାରୁ ଆରମ୍ଭ ହେଲା ଫର୍ମ ପୂରଣ
- ‘ମାନବିକତା ପାଇଁ ଏକତା’ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ରେଡକ୍ରସ୍ ଦିବସ

— ରକ୍ତ ଦାନ କରି ଥାଲାସେମିଆ ରୋଗୀଙ୍କୁ ସହଯୋଗ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପରାମର୍ଶ

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ରାଜ୍ୟର ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି

## ରଥଯାତ୍ରା - ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ଆଜି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହେଉଛି। ପୁରୀ ଟାଉନ୍‌ହଲ୍‌ଠାରେ ଆୟୋଜିତ ବୈଠକରେ ମହାପ୍ରଭୁଙ୍କ ନୀତିନିର୍ଘଣ୍ଟ ସମେତ ରଥ ନିର୍ମାଣ, ପରିମଳ, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା କରାଯାଉଛି। ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ଏବଂ ସୁରକ୍ଷା ବ୍ୟବସ୍ଥା ତଥା ଅନ୍ୟାନ୍ୟ ପଦକ୍ଷେପ ଉପରେ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ଡକ୍ଟର ସମ୍ବିତ୍ ପାତ୍ର, ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂହ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ସେବାୟତ ଓ ବିଭିନ୍ନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏଥିରେ ଉପସ୍ଥିତ ଅଛନ୍ତି।

## ମାଟ୍ରିକ୍ ଖାତା ଯାଞ୍ଚ୍

ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଆଜିଠାରୁ ଫର୍ମ ପୂରଣ ଆରମ୍ଭ ହୋଇଛି। ଏଥିରେ ନିୟମିତ ଏବଂ ପୂର୍ବତନ ଛାତ୍ରଛାତ୍ରୀ ବାର୍ଷିକ ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ୨୦୨୬ ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିପାରିବେ। ଛାତ୍ରଛାତ୍ରୀ ଓ ବିଦ୍ୟାଳୟମାନଙ୍କୁ

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବୋର୍ଡ ୱେବ୍‌ସାଇଟ୍‌ରେ ପଞ୍ଜୀକରଣ ପକ୍ରିୟା ଶେଷ କରିବାକୁ ପରାମର୍ଶ ଦିଆଯାଇଛି।

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଭିନ୍ନ ବିଷୟର ପୁନଃ ଖାତା ଯାଞ୍ଚ୍ ପ୍ରକ୍ରିୟା ଆସନ୍ତା ସୋମବାରଠାରୁ ଆରମ୍ଭ ହେବ । ଏ ସଂକ୍ରାନ୍ତରେ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରତ୍ୟେକ ବିଷୟରେ ସବ୍‌ଜେକ୍‌ଟିଭ୍ ଓ ଅବଜେକ୍‌ଟିଭ ଖାତା ପୁନଃଯାଞ୍ଚ ଓ ସେଗୁଡ଼ିକର ଅବିକଳ ନକଲ ପ୍ରଦାନ ପାଇଁ ଆବଶ୍ୟକ ଦେୟ ସହିତ ଅନଲାଇନ୍‌ରେ ଆବେଦନ କରିବାକୁ ପଡ଼ିବ। ଆବେଦନ କରିବାର ନିୟମାବଳୀ ବୋର୍ଡ ୱେବସାଇଟ୍ www.bseodisha.ac.in ରେ ଉପଲବ୍ଧ ହେବ।

# ପଶ୍ଚିମବଙ୍ଗ-ମୋହନ

ପଶ୍ଚିମବଙ୍ଗରେ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ସ୍ପଷ୍ଟ ବହୁମତ ମିଳିବା ପରେ ସରକାର ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ବିଧାୟକ ଦଳ ନେତା ନିର୍ବାଚନ ପାଇଁ ବୈଠକ ଅନୁଷ୍ଠିତ ହେବ। ଦଳର ବରିଷ୍ଠ ନେତା ତଥା ପଶ୍ଚିମବଙ୍ଗ ପାଇଁ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ବୈଠକରେ ଅଧ୍ୟକ୍ଷତା କରିବେ। ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ଯୋଗଦେବା ପାଇଁ ପଶ୍ଚିମବଙ୍ଗ ଗସ୍ତ କରିଛନ୍ତି। ଆସନ୍ତାକାଲି ବିଶ୍ୱକବି

ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମବାର୍ଷିକୀ ଅବସରରେ ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡରେ ଶପଥଗ୍ରହଣ ସମାରୋହ ଅନୁଷ୍ଠିତ ହେବ ।

## ଡିଆରଡିଓ–ତାରା ଉଡାଣ

ଓଡ଼ିଶା ଉପକୂଳରେ ଟାପ୍ଟିକାଲ୍ ଆଡ୍‌ଭାନ୍ସଡ୍ ରେଞ୍ଜ୍ ଅଗ୍‌ମେଣ୍ଟେସନ-ତାରା ର ପ୍ରଥମ ଉଡ଼ାଣକୁ ସଫଳତାର ସହ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ-ଡିଆରଡିଓ ଓ ଭାରତୀୟ ବାୟୁସେନାର ମିଳିତ ଉଦ୍ୟମରେ ଏହି ପରୀକ୍ଷଣ ହୋଇଥିବା ଜଣାପଡିଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଯୁଦ୍ଧାସ୍ତ୍ର 'ତାରା'କୁ ସଠିକ୍ ମାର୍ଗରେ ପରିଚାଳିତ କରିବାର କ୍ଷମତା ରଖିଥିବା ଏହା ଦେଶର ପ୍ରଥମ ସ୍ୱଦେଶୀ ଅସ୍ତ୍ର ପ୍ରଣାଳୀ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ସଫଳତା ପାଇଁ  ଡିଆରଡିଓ, ଭାରତୀୟ ବାୟୁସେନା ଏବଂ ଅସ୍ତ୍ର ନିର୍ମାଣକାରୀ ଓ ସହଯୋଗୀ କମ୍ପାନୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି ଅସ୍ତ୍ର ପ୍ରଣାଳୀ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ଅଧିକ ମଜଭୁତ କରିବ ବୋଲି ଶ୍ରୀ ସିଂହ କହିଛନ୍ତି।

## ରେଡ୍‌କ୍ରସ

ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀଙ୍କ ଉତ୍ସର୍ଗୀକୃତ ସେବା ମନୋଭାବକୁ ସ୍ୱୀକୃତି ଦେବା ଏବଂ ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାଣ୍ଟଙ୍କ ସମ୍ମାନାର୍ଥେ ଆଜି ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳନ କରାଯାଉଛି। ୧୯୪୮ ମସିହାରୁ ପ୍ରତିବର୍ଷ ମଇ

ମାସ ୮ ତାରିଖରେ ଭାରତରେ ଏହି ଦିବସ ପାଳିତ ହୋଇଆସୁଛି । ୧୯୨୦ ମସିହାରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ପ୍ରତିଷ୍ଠା କରାଯାଇଥିଲା। ଚଳିତ ବର୍ଷ ବିଶ୍ୱ ରେଡକ୍ରସ ଦିବସର ବାର୍ତ୍ତା ରହିଛି "ମାନବିକତା ପାଇଁ ଏକତା" ।

**ରାଜ୍ୟପାଳ** ଡକ୍ଟର ହରିବାବୁ କମ୍ଭମପାଟି ମାନବତାର ସେବାରେ ନିୟୋଜିତ ସ୍ୱୟଂସେବକଙ୍କର ନିଷ୍କାମ ପ୍ରୟାସ ଓ ଅତୁଟ ପ୍ରତିବଦ୍ଧତାକୁ ରେଡକ୍ରସ୍ ଦିବସରେ ପ୍ରଶଂସା କରିଛନ୍ତି। ଆବଶ୍ୟକତାରେ ଥିବା ଲୋକଙ୍କୁ ଆଶ୍ୱସ୍ତ, ସେବା ଓ ସହଯୋଗ ଏବଂ ଜରୁରିକାଳୀନ ପରିସ୍ଥିତିରେ ରେଡକ୍ରସ୍ କର୍ମୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ କହିଛନ୍ତି।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ବିଶ୍ୱ ରେଡକ୍ରସ ଦିବସରେ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଏକ ସୁରକ୍ଷିତ ଏବଂ କରୁଣାମୟ ସମାଜ ଗଠନ ପାଇଁ ଦୟା, ଏକତା ଏବଂ ମାନବିକ ସେବା ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ସୁଦୃଢ଼ କରିବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

**ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ଓ **ସ୍ୱାସ୍ଥ୍ୟମନ୍ତ୍ରୀ** ମୁକେଶ ମହାଲିଙ୍ଗ ମାନବ ସେବା ଓ ଜନକଲ୍ୟାଣରେ ସମର୍ପିତ ଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ **ବୌଦ୍ଧ** ଟାଉନ୍‌ହଲଠାରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସେବାକୁ ଆଧାର କରି ଛାତ୍ର ଜୀବନରୁ ଦେଶ ସେବା କରିବାକୁ ଆଗେଇ ଆସିବାକୁ ପରାମର୍ଶ ଦେଇଛନ୍ତି।

## ଥାଲାସେମିଆ ଦିବସ

ଥାଲାସେମିଆ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ପୀଡିତ ରୋଗୀଙ୍କ ପ୍ରତି ସହଯୋଗ ବୃଦ୍ଧି ଲକ୍ଷ୍ୟରେ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ଥାଲାସେମିଆ ଦିବସ ପାଳନ କରାଯାଉଛି।  ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି, "ଦୂରେଇ ନ ରହି ରୋଗୀଙ୍କୁ ଚିହ୍ନଟ ଓ ସମର୍ଥନ ଦେବା"।

ଥାଲାସେମିଆ ଏକ ରକ୍ତ ବିକାର ସମସ୍ୟା। ଦେଶରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ନିରାକରଣ ପାଇଁ ବିଭିନ୍ନ ସଚେତନତା ଓ ଚିକିତ୍ସାମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି। ସାମାଜିକ ସଚେତନତା ଓ ସାମୁହିକ ପ୍ରୟାସ ମାଧ୍ୟମରେ ଏହି ରୋଗକୁ ନିୟନ୍ତ୍ରଣ କରିହେବ। ସମୟୋପଯୋଗୀ ପରୀକ୍ଷା ଓ ପରାମର୍ଶ ଏହି ରୋଗ ପ୍ରତିରୋଧରେ ଅତ୍ୟନ୍ତ ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ବ୍ୟକ୍ତ କରିଛନ୍ତି। ଏହି ରୋଗର କାରଣ ଓ ଚିକିତ୍ସା ସଂପର୍କରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଥାଲାସେମିଆ ରୋଗ ସମ୍ପର୍କରେ ଡାକ୍ତର ଜୟନ୍ତ ପଣ୍ଡା ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି.....

## - V/O -

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଥାଲାସେମିଆ ଦିବସ ଅବସରରେ ଏହି ରୋଗରେ ପୀଡିତ ବ୍ୟକ୍ତିଙ୍କ ପ୍ରତି ସହଯୋଗ ଯୋଗାଇ ସେମାନଙ୍କ ମନୋବଳ ଦୃଢ଼ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଆଜିର ଦିନରେ ରକ୍ତଦାନ କରି ରୋଗୀଙ୍କୁ ନୂଆ ଜୀବନ ଦେବାପାଇଁ ସମସ୍ତଙ୍କୁ ଶପଥ ନେବା ପାଇଁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

ବିଶ୍ୱ ଥାଲାସେମିଆ ଦିବସ ଅବସରରେ **ବୌଦ୍ଧ** ଜିଲ୍ଲାରେ ସଚେତନତା କାର୍ଯ୍ୟକ୍ରମ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ରକ୍ତଦାନର ଆବଶ୍ୟକତା ଓ ଏହାର ସାମାଜିକ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ **ଗଞ୍ଜାମ** ଏମକେସିଜି ମେଡିକାଲ କଲେଜ୍ ଓ ହସ୍‌ପିଟାଲର ରକ୍ତଭଣ୍ଡାରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଥାଲାସେମିଆ ରୋଗୀଙ୍କ ସଂଖ୍ୟା ହ୍ରାସ ପାଇଛି। ୨୦୨୧ରେ ଜିଲ୍ଲାରେ ୩୦ ଜଣ ଥାଲାସେମିଆ ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ଚଳିତବର୍ଷ ମାତ୍ର ୬ ଜଣ ରୋଗୀ ପଞ୍ଜୀକୃତ ହୋଇଛନ୍ତି।

## ସମୀକ୍ଷା ବୈଠକ

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଭୂରାଜସ୍ୱ, ରୟାଲଟି ଆଦାୟ, ଜଳକର, ବସୁନ୍ଧରା, ସ୍କୁଲ କଲେଜ୍ ପଟ୍ଟା, ଘରବାଡି ଜମି ଆବଣ୍ଟନ, ହାଇଟେକ୍ ସର୍ଭେ ଅଧୀନରେ ୨୩ଟି ସଂଶୋଧନ ମାମଲା ଏବଂ ବିଭିନ୍ନ କର ଆଦାୟ ସମ୍ପର୍କରେ ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରିଥିଲେ ।

## ସୁଭଦ୍ରା ଶକ୍ତିକେନ୍ଦ୍ର

**ଗଜପତି** ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ ଖାଣ୍ଡବା ଗ୍ରାମରେ ସୁଭଦ୍ରା ଶକ୍ତିକେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ ଓ ବସ୍ ରହଣୀ ଗୃହକୁ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ ପାଣିଗ୍ରାହୀ ମହିଳାମାନଙ୍କ ପାଇଁ ସୁଭଦ୍ରା ଶକ୍ତି କେନ୍ଦ୍ରରେ ରହିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ ।

## ଜିଲ୍ଲା ପରିଷଦ ବୈଠକ

**ନୂଆପଡ଼ା** ଜିଲ୍ଲା ସଦ୍‌ଭାବନା ସଭା ଗୃହରେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଂସଦ ମାଳିବିକା ଦେବୀ ବୈଠକରେ ଯୋଗଦେଇ ଜିଲ୍ଲାରେ ଜାରି ରହିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଧାୟକ ଅଧୀରାଜ ପାଣିଗ୍ରାହୀ, ଜୟ ଢୋଲକିଆ, ଜିଲ୍ଲାପାଳ ମଧୁସୂଦନ ଦାସ ଓ

ସମସ୍ତ ଜିଲ୍ଲା ପରିଷଦ ସଭ୍ୟମାନେ ବୈଠକରେ ଉପସ୍ଥିତ ଥିଲେ।

## ଶୋଭାଯାତ୍ରା

**ଗଜପତି** ଜିଲ୍ଲା କାଶୀନଗର ବ୍ଲକ୍ ଅନ୍ତର୍ଗତ କେ.ସୀତାପୁର ଓ ଖୁରିଙ୍ଗା ଗ୍ରାମରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ନାରୀଶକ୍ତି ବନ୍ଦନ ଅଧିନିୟମକୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ପ୍ରସଙ୍ଗରେ ଶୋଭାଯାତ୍ରାରେ ସଚେତନ କରାଯାଇଥିଲା।

## ତାଲିମ ଶିବିର

**ନୂଆପଡା** ଜିଲ୍ଲା ସାନ ମହେଶ୍ୱର ବନବିଭାଗ ଅଂଚଳରେ କ୍ଷେତ୍ର ପରିଦର୍ଶନରେ ଆସିଥିବା ଛାତ୍ରଛାତ୍ରୀଙ୍କ ପାଇଁ ନର୍ସରୀ ପ୍ରଣାଳୀ ସମ୍ପର୍କରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି।  ଏହି ଶିବିର ୩୫ ଦିନ ଧରି ଚାଲିବ। ପରିବର୍ତ୍ତିତ ପରିବେଶରେ ଚାରାର ଯତ୍ନ ଏବଂ ବୃକ୍ଷରୋପଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉପସ୍ଥିତ ପ୍ରଶିକ୍ଷକମାନେ ତାଲିମ ଦେଇଥିଲେ।

## ଔଷଧ ବଣ୍ଟନ

**ଗଜପତି** ଜିଲ୍ଲା ଗୁମ୍ମା ବ୍ଲକ୍ ଗାଇବା ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ନିଶୁଳ୍କ ଚକ୍ଷୁ ପରୀକ୍ଷା ଓ ମାଗଣା ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୮୬ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହିତ ଔଷଧ ବଣ୍ଟନ କରାଯାଇଥିଲା।

# ପାଣିପାଗ

ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ପାର୍ଶ୍ୱବର୍ତ୍ତୀ ଛତିଶଗଡ଼ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀଜନିତ ବର୍ଷାର ସମ୍ଭାବନା ରହିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ରାଜ୍ୟର ସମସ୍ତ ଜିଲ୍ଲାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ନୟାଗଡ଼ ଜିଲ୍ଲାରେ ସର୍ବାଧିକ ୫୫ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ରାଜ୍ୟରେ ସର୍ବାଧିକ ଦିନ ତାପମାତ୍ରା ୨ ରୁ ୪ ଡିଗ୍ରୀ ବୃଦ୍ଧି ପାଇବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।